# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୁନସ ଏବଂ ବଡ଼ ଆକାରର ମାଛ



ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଉପଯୋଜକ: Mary-Anne S.
ଅନୁବାଦକ: Prasanta Bhuyan
ପ୍ରଯୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଅନେକ ବର୍ଷର ଆଗେ, ଯୁନସ ନାମରେ ଏକ ଲୋକ ଇସ୍ରାଏଲ
ଦେଶରେ ବାସ କରୁଥିଲେ । ଦିନକରେ, ସଦାପ୍ରଭୁ ତାଙ୍କୁ କହିଲେ
ନୀନିବୀ ମହାନଗରକୁ ଯାଅ, ଯାହା ସବୁଠାରୁ
ବଡ଼, ସାରା ପୃଥିବୀରେ ଅତି ଶକ୍ତିଶାଳୀ
ସହର ଥିଲା ।



ଯୁନସ ସେମାନଙ୍କୁ ସତର୍କ କରିବାକୁ ଆବଶ୍ୟକ ଥିଲା କାରଣ
ସଦାପ୍ରଭୁ ସେମାନଙ୍କ ଦୁଷ୍ଟତା ବିଷୟରେ ଜ୍ଞାତ ଥିଲେ ।



ଯୁନସ ସଦାପ୍ରଭୁଙ୍କ ଅବାଧ୍ୟ ହେଲେ, ସେ
ନୀନିବୀକୁ ଯିବା ବଦଳରେ, ଯାଫୋ ନଗରକୁ
ଯାଇ ତର୍ଶୀଶକୁ ଯାଉଥିବା ଜାହାଜରେ ଚ଼ଢ଼ି
ବିପରିତ ଦିଗରେ ଚ଼ାଲିଗଲେ ।



ସଦାପ୍ରଭୁ ସମୁଦ୍ରକୁ ପ୍ରଚଣ୍ଡ ବାୟୁ ପ୍ରେରଣ କଲେ । ତାହିଁରେ ସମୁଦ୍ର ଉପରେ ପ୍ରବଳ ତୋଫାନ ହେଲା ଯେ, ନାବିକମାନେ ଭାବିଲେ ଜାହାଜ ଭାଙ୍ଗି ବୁଡ଼ିଯାଇପାରେ ।



ଝଡ଼ ଅତ୍ୟଧିକ ତିବ୍ରତର ହେବାକୁ ଲାଗିଲା, ସେମାନେ ଭିତ ହୋଇ ଆପଣା ଆପଣା ଦେବତା ନିକଟରେ ପ୍ରାର୍ଥନା କଲେ । ପୁଣି ଜାହାଜରୁ ଥିବା ଦ୍ରବ୍ୟାଦି ସମୁଦ୍ରରେ ପକାଇଦେଲେ । କିନ୍ତୁ କିଛି ସୁଫଳ ହେଲା ନାହିଁ ।



ମାତ୍ର ଯୁନସ କେବଳ ଜଣେ ମାତ୍ର ଜାହାଜରେ ଥିଲେ ଯେ ପ୍ରାର୍ଥନା କରୁ ନ ଥିଲେ । ତାହା ବଦଳରେ, ସେ ଜାହାଜର ଅନ୍ତରସ୍ଥ ଭାଗରେ ଶୟନ କରି ଘୋର ନିଦ୍ରାରେ ମଗ୍ନ ହୋଇଥିଲେ । ଜାହାଜର ଅଧ୍ୟକ୍ଷ ତାହାଙ୍କୁ ପାଇଲେ । ତୁମେ କଅଣ କରୁଅଛ, ଶୋଇଅଛ, ଉଠ, ତୁମ୍ଭ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କର, କେଜାଣି ପରମେଶ୍ୱର ଆମ୍ଭମାନଙ୍କ ବିଷୟରେ ମନଯୋଗ କରିବେ ଓ ଆମ୍ଭେମାନେ ବିନଷ୍ଟ ନୋହିବା ।



ନାବିକମାନେ ଶିଘ୍ର ଜାଣିପାରିଲେ ଯେ ସେହି ଆଡ଼ୁଆ ଯୁନସଙ୍କ ନିମନ୍ତେ ହୋଇଅଛି । ସେ ସେମାନଙ୍କୁ କହିଲେ ମୁଁ ସଦାପ୍ରଭୁଙ୍କ ଛାମୁରୁ ପଳାଉଅଛି । ସେମାନେ ପଚ଼ାରିଲେ, ସମୁଦ୍ର ଯେପରି ଆମ୍ଭମାନଙ୍କ ପ୍ରତି ସୁସ୍ଥିର ହେବ, ଏଥିପାଇଁ ଆମ୍ଭେମାନେ ତୁମ୍ଭପ୍ରତି କଅଣ କରିବା? ଯୁନସ କହିଲେ, ମୋତେ ଧରି ସମୁଦ୍ରରେ ପକାଇଦିଅ ତାହିଁରେ ସମୁଦ୍ର ତୁମ୍ଭମାନଙ୍କ ପ୍ରତି ସୁସ୍ଥିର ହେବ । କାରଣ ମୋ ଶକାଶୁ ତୁମ୍ଭମାନଙ୍କ ଏହି ମହା ତୋଫାନ ଉପସ୍ଥିତ ହୋଇଅଛି ।



ନାବିକମାନେ ଯୁନସଙ୍କୁ ସମୁଦ୍ରରେ
ଫିଙ୍ଗିବାକୁ ଇଛା କଲେନାହିଁ
ଓ କୂଳକୁ ଫେରି ଯିବାକୁ ବଡ଼
ଯତ୍ନରେ ଆହୁଲ୍ଲା ପକାଇଲେ
ମାତ୍ର ସେମାନେ ପାରିଲେ
ନାହିଁ । ସେମାନଙ୍କଠାରେ
କେବଳ ମାତ୍ର ଗୋଟିଏ
ଉପାୟ ବାକି ଥିଲା!



ସେମାନେ କ୍ଷମା ପ୍ରାର୍ଥନା କଲାପରେ,

ନାବିକମାନେ ଯୂନସଙ୍କୁ

ଧରି ସମୁଦ୍ରରେ

ପକାଇଦେଲେ ।

ଯେପରି ଯୂନସ

ଆହୁଲ୍ଲାରେ ଅଦୃଶ୍ୟ ହୋଇଗଲେ, ସମୁଦ୍ର

ସୁସ୍ଥିର ହେଲା ଓ ପବନ ଥମିଗଲା । ସେହି ଆକସ୍ମିକ

ପରିବର୍ତ୍ତନ ସେମାନଙ୍କୁ ଅତିଶୟ, ସେହି ଝଡ଼ଠାରୁ

ମଧ୍ୟ ଅଧିକ ଭୟଭୀତ କଲା । ନିଶ୍ଚିତରେ

ସେମାନେ ଜାଣିଥିବେ କେବଳ ସଦାପ୍ରଭୁ

ଏହିପ୍ରକାର କରିପାରନ୍ତି । ସେମାନେ

ସଦାପ୍ରଭୁଙ୍କୁ ଉପାସନା କଲେ ।



ସେହି ସମୟରେ, ସେହି ସଦାପ୍ରଭୁଙ୍କ
ବାକ୍ୟ ଅବଜ୍ଞାକାରୀ ଅତି ବିସ୍ମିତ
ହେଲେ । ଅସହାୟତାରେ ସେ ଗଭିର
ଜଳରେ ବୁଡ଼ିଯାଉଛନ୍ତି, ଯୁନସ
ଜାଣିଥିଲେ ମୃତୁରୁ ତାଙ୍କୁ କେହି
ମଧ୍ୟ ବଞ୍ଚାଇ ପାରିବେ ନାହିଁ ।
ସେ ବୁଡ଼ି ମରିଯାଇଥାଆନ୍ତେ ମଧ୍ୟ,
ମାତ୍ର ସଦାପ୍ରଭୁଙ୍କର ଯୋଜନା
ଅଲଗା ଥିଲା ।



ପୁଣି ଯୁନସଙ୍କୁ ଗିଳିବା ନିମନ୍ତେ ସଦାପ୍ରଭୁ ଏକ ବୃହତ୍ତ ମତ୍ସ୍ୟ ନିର୍ମାଣ କଲେ । ମତ୍ସ୍ୟ ଯୁନସଙ୍କୁ ଲୋଭରେ ଗିଳିଲା ଓ ଯୁନସ ସମୁଦ୍ର ଜଳରୁ ସିଧା ମତ୍ସ୍ୟ ଉଦରରେ ପହଞ୍ଚିଲେ, ପୁଣି ସେ ମତ୍ସ୍ୟ ଉଦରରେ ତିନଦିନ ତିନି ରାତି ରହିଲେ । ତାଙ୍କ ପାଖରେ ଚି଼ନ୍ତା କରିବା ଓ ପ୍ରାର୍ଥନା କରିବକୁ ଅନେକ ସମୟ ଥିଲା ।



ତିନିଦିନ ପରେ, ଯୁନସ ପରିଶେଷରେ ସଦାପ୍ରଭୁଙ୍କୁ ବାଧ୍ୟ ହେବାକୁ ପ୍ରତିଜ୍ଞା କଲେ । ସଂଙ୍ଗ ସଂଙ୍ଗେ ସଦାପ୍ରଭୁ ସେହି ମତ୍ସ୍ୟକୁ କଥା କହିଲେ, ଏବଂ ତାହା ଯୁନସଙ୍କୁ ସମୁଦ୍ର କୂଳରେ ଉଦ୍ଗାର କଲା ।



ପୁଣିଥରେ, ସଦାପ୍ରଭୁ ଯୁନସଙ୍କୁ ନୀନିବୀ ମହାନଗରକୁ ଯାଇ ସଦାପ୍ରଭୁଙ୍କ ବାକ୍ୟ ପ୍ରଚାର କରିବାକୁ କହିଲେ । ଏହି ସମୟରେ ଯୁନସ ଗଲେ, ସେ ଜୋରକରି ପାଟି କରି ନଗର ଭିତରକୁ ଗଲେ, ଚାଳିଶ ଦିନ ଭିତରେ ନୀନିବୀ ନଗର ଉତ୍ପାଟିତ ହେବ ।



ନୀନିବୀର ଲୋକମାନେ ସଦାପ୍ରଭୁଙ୍କ ବାକ୍ୟରେ ବିଶ୍ୱାସ କଲେ, ସେମାନେ ଯେ ନିଜ ପାପ ନିମନ୍ତେ ଦୁଃଖିତ ତାହା ସଦାପ୍ରଭୁଙ୍କୁ ଦେଖାଇବାକୁ ଉପବାସ ଘୋଷଣା କରି ବଡ଼ଠାରୁ ସାନ ପ୍ରଯ୍ୟନ୍ତ ସମସ୍ତେ ଚ଼ଟବସ୍ତ୍ର ପିନ୍ଧିଲେ । ରାଜାମଧ୍ୟ ସିଁହାସସନରୁ ଉହ୍ଲାଇ ଚ଼ଟବସ୍ତ୍ର ପିନ୍ଧି ଭଷ୍ମରେ ବସିଲା ।
ସେ ନୀନିବୀର ସର୍ବତ୍ର ଏହିକଥା ଘୋଷଣା କରାଇଲା ସେମସ୍ତେ ଆପଣା ଆପଣା କୁ ପଥରୁ ଫେରନ୍ତୁ ଓ ସେମାନଙ୍କ ହସ୍ତସ୍ଥିତ ଦୌରାତ୍ମ୍ୟରୁ ବିମୁଖ ହୁଅନ୍ତୁ, ଏବଂ ପ୍ରାର୍ଥନା କରନ୍ତୁ, ଯେପରି ସଦାପ୍ରଭୁ ଆମ୍ଭମାନଙ୍କର ପାପ କ୍ଷମା କରିବେ ।



ସଦାପ୍ରଭୁ ସେମାନଙ୍କୁ କ୍ଷମା କଲେ, ସଦାପ୍ରଭୁ ଯେ ନୀନିବୀର ଲୋକମାନଙ୍କୁ କ୍ଷମା କରିଅଛନ୍ତି

ତାହା ସେମାନଙ୍କ ନିମନ୍ତେ ଏକ ଅତି ଉତ୍କୃଷ୍ଟତର

ଦିବସ ହେଇଥାଇପେରେ ।

...ମାତ୍ର ଯୁନସ ଏଥିରେ

ମହା ଅସନ୍ତୁଷ୍ଟ ଓ

କ୍ରୋଧ ହେଲେ ।





ଯୁନସ କାହିଁକି କ୍ରୋଧ କଲେ, ସେ ସଦାପ୍ରଭୁଙ୍କୁ କହିଲା, କାରଣ ତୁମ୍ଭେ ଯେ କୃପାମୟ, ସ୍ନେହଶିଳ, କ୍ରୋଧରେ ଧିର, ଦୟାରେ ମହାନ ଓ ଅମଙ୍ଗଳର ବିଷୟରେ ଅନିଚ୍ଛୁକ ପରମେଶ୍ୱର ଅଟ ଏହା ମୁଁ ଜାଣିଲି । ଅନ୍ୟ ବାକ୍ୟରେ, ଯୁନସ ଜାଣିଥିଲେ ଯେଉଁମାନେ ନିଜର ପାପ ନିମନ୍ତେ ପଶ୍ଚାତାପ କରନ୍ତି, ସଦାପ୍ରଭୁ ସର୍ବଦା ସେମାନଙ୍କ ପାପ କ୍ଷମା କରିନ୍ତି । ଏଥିରେ ଏହା ପ୍ରମାଣିତ କରେ ଯେ ସେ ଯୁନସ ନୀନିବୀ ବୀସିଙ୍କୁ ପସନ୍ଦ କରୁ ନ ଥିଲେ । ସେ ଚାହୁଁ ନ ଥିଲେ ଯେ ସେମାନଙ୍କ ପାପ କ୍ଷମା କରାଯାଉ ।

ଯୂନସ ସଦାପ୍ରଭୁଙ୍କ ସହିତ ଅତ୍ୟଧିକ କ୍ରୋଧକଲେ ଓ କହିଲେ, ଏବେ ମୋ ପ୍ରାଣ ମୋ ଠାରୁ ନିଅ, କାରଣ ବଞ୍ଚିବା ଅପେକ୍ଷା ମୋର ମରିବା ଭଲ ।



ଯୁନସ ନଗର ବାହାରେ ଯାଇ ବସିଲେ, ପୁଣି ସଦାପ୍ରଭୁ କଅଣ କରିବାକୁ ଯାଉଅଛନ୍ତି ଏହା ଦେଖିବାକୁ ଜଗି ରହିଲେ । ତହିଁରେ ସଦାପ୍ରଭୁ ପରମେଶ୍ୱର ଗୋଟିଏ କଖାରୁ ଲତା ନିରୂପଣ କଲେ । ତାହା ଶିଘ୍ର ବଢ଼ିଲା, ଓ ଯୁନସଙ୍କୁ ଛାୟା ପ୍ରଦାନ କରି ଦିନର ଟାଣ ଖରାରୁ ତାହାକୁ ରକ୍ଷା କଲା ।



ତହିଁ ଆରଦିନ, ସଦାପ୍ରଭୁ ଏକ କୀଟ ନିରୂପଣ କଲେ, ଯାହା କଖାରୁ ଲତାକୁ କାଟିପକାଇଲା ତେଣୁ ତାହା ସୁକ୍ଷ୍ମ ହୋଇଗଲା । ପୁଣି ସୂର୍ଯ୍ୟୋଦୟ ସମୟରେ ପରମେଶ୍ୱର ପୂର୍ବୀୟ ଝାଞ୍ଜିବାୟୁ ନିରୂପଣ କଲେ, ଯାହା ଯୂନସଙ୍କ ମସ୍ତକରେ ଏହିପରି ଖରା ଲାଗିଲା ଯେ ସେ କ୍ଲାନ୍ତହୋଇ ଭାବିଲେ ସେ ମରି ପାରନ୍ତି । ଏହିସମସ୍ତ ଯୂନସଙ୍କ ଅତ୍ୟଧିକ କ୍ରୋଧିତ କଲା ।



ସଦାପ୍ରଭୁ ଯୂନସଙ୍କୁ କହିଲେ, ତୁମେ କ୍ରୋଧ କରି କି ଭଲ କରିଅଛ,
ଏହି କଖାରୁ ଲତାପ୍ରତି ତୁମର ଦୟା ହୋଇଅଛି, ତହିଁପାଇଁ
ତୁମ୍ଭେ ପରିଶ୍ରମ କରିନାହଁ କିଅବା ତାହା ବଢ଼ାଇନାହଁ,
ତାହା ଏକ ରାତ୍ରୀରେ ଉତ୍ପନ୍ନ ହେଲା ଓ ଏକ
ରାତ୍ରୀରେ ବିନଷ୍ଟ ହେଲା ।



ତେବେ ସେହି ନୀନିବୀ ମହାନଗରକୁ ଓ ତହିଁ ମଧ୍ୟରେ
ଥିବା ହଜାର ହଜାର ଲୋକ ଓ ପଶୁକୁ କି
ଆମ୍ଭେ ଦୟା ନ କରିବା,



ଯୂନସ ଏବଂ ବଡ଼ ଆକାରର ମାଛ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୂନସ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬